ସକାଳ
THE SAKALA



# ମୁକୁଳା ପଡ଼ିଛି ବିଦ୍ୟୁତ ଟ୍ରାନ୍ସଫର୍ମର; ବିପଦ ନେଇ ତେଜୁଛି ଅସନ୍ତୋଷ



ନିଶ୍ଚିନ୍ତକୋଇଲି,୧୮ ।୪(ସମିସ): ନିଶ୍ଚିନ୍ତକୋଇଲି ବିଦ୍ୟୁତ ଟ୍ରାନ୍ସଫର୍ମର ଅଧୀନରେ ଥିବା ୮ ନଂ କେନାଲ ବନ୍ଧ ରାସ୍ତା ପାର୍ଶ୍ୱରେ କିଶୋର ଓଝା ବାସଭବନ ନିକଟରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ଦୀର୍ଘ ଦିନ ହେବ ଖୋଲା ମେଲାରେ ପଡିରହିଛି । ରାଜ୍ୟ ବିଦ୍ୟୁତ ବିଭାଗକୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ କଂପାନୀମାନେ ପରିଚାଳନା ଦାୟିତ୍ୱ ନେଉଥିଲେ ମଧ୍ୟ ଏହି ଟ୍ରାନ୍ସଫର୍ମର ପ୍ରତି କାହାର ନଜର ନଥିବାରୁ ଏହା ସବୁବେଳେ ବିପଦସଂକୁଳ ଅବସ୍ଥାରେ ରହିଛି । ବିଶେଷକରି ଟାଟା ପାୱାର କଂପାନୀ ବିଦ୍ୟୁତ ବିଭାଗକୁ ହାତକୁ ନେବା ପରେ ଅନେକ ସ୍ଥାନରେ ଖୋଲାମେଲାରେ ପଡିଥିବା ଟ୍ରାନ୍ସଫର୍ମର ଗୁଡିକୁ ସୁରକ୍ଷା ବଳୟ ଭିତରେ ରଖୁଥିଲା ବେଳେ ଉକ୍ତ ଟ୍ରାନ୍ସଫର୍ମରକୁ କ'ଣ ପାଇଁ ମୁକୁଳା ପକାଯାଇଛି ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି । ଉକ୍ତ ବିଦ୍ୟୁତ ଟ୍ରାନ୍ସଫର୍ମରର ଚାରିପାଖରେ ସୁରକ୍ଷା ପାଚେରି ନଥିବାରୁ ଅନେକ ସମୟରେ ଗୋରୁଗାଈଙ୍କଠାରୁ ଆରମ୍ଭ କରି ବହୁ ପଶୁପକ୍ଷୀ ବିଦ୍ୟୁତ ସ୍ପର୍ଶରେ ଆସି ବିପଦରେ ପଡୁଥିବା ଦେଖାଯାଇଛି । ଏହି ଟ୍ରାନ୍ସଫର୍ମରଟି ୮ ନଂ କେନାଲ ବନ୍ଧ ରାସ୍ତା ପାଶ୍ୱର୍ରେ ଥିବାରୁ ଏବେ ରାସ୍ତାଟି ୩ ଫୁଟ୍ ଚଉଡ଼ା ହେବା ଫଳରେ ଟ୍ରାନ୍ସଫର୍ମରର ବିଦ୍ୟୁତ ଖୁଣ୍ଟକୁ ରାସ୍ତା ଲାଗି ରହୁଛି । ଯାତାୟାତ ସମୟରେ ବାଟୋଇମାନଙ୍କ ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଉଛି । ଏହି ବିଦ୍ୟୁତ ଟ୍ରାନ୍ସଫର୍ମର ପାଖରୁ ମାତ୍ର ୧୦୦ ମିଟର ଦୂରରେ ଅହମ୍ମଦ ବକ୍ସ ଉଚ୍ଚ ବିଦ୍ୟାଳୟ ରହିଥିବା ବେଳେ ଅନେକ ସମୟରେ ଛାତ୍ରଛାତ୍ରୀମାନେ ଏଠାରେ ବୁଲାବୁଲି କରୁଛନ୍ତି । ସେମାନଙ୍କ ପ୍ରତି ବିପଦ ମଧ୍ୟ ସୃଷ୍ଟି ହେବାର ଆଶଙ୍କା ଦେଖାଯାଇଛି । ଉକ୍ତ ବିଦ୍ୟୁତ ଟ୍ରାନ୍ସଫର୍ମରଟି ବିପଦର ଆଢୁଆଳରେ ରଖାଯିବା ପାଇଁ ନିତାନ୍ତ ସୁରକ୍ଷା ପାଚେରି ନିର୍ମାଣ ହେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏଥିପ୍ରତି ଟିପିସିଓଡିଏଲ୍ ବିଦ୍ୟୁତ କଂପାନୀ ଗୁରୁତ୍ୱ ଦେଇ ତୁରନ୍ତ ଏହି ସବ୍‌ଷ୍ଟେସନ ଚାରିପାଖରେ ସୁରକ୍ଷା ପାଚେରି ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଛି ।

ଜବରଦଖଲରେ ସୁଲଭ ଶୌଚାଳୟ

# ଶୌଚ ପାଇଁ ହୀନସ୍ତା ହେଉଛନ୍ତି ସାଧାରଣ ଲୋକ ଓ ବ୍ୟବସାୟୀ

ନିଶ୍ଚିନ୍ତକୋଇଲି,୧୮ ।୪(ସମିସ):



ନିଶ୍ଚିନ୍ତକୋଇଲି ତହସିଲ ଓ ବ୍ଲକ ପ୍ରଶାସନର ଅବହେଳା ପାଇଁ ଦୀର୍ଘ ବର୍ଷ ହେବ ନିଶ୍ଚିନ୍ତକୋଇଲି ଡେଲି ମାର୍କେଟରେ ଥିବା ସୁଲଭ ଶୌଚାଳୟଟି ଜବରଦଖଲକାରୀଙ୍କ କବ୍‌ଜାରୁ ଉଚ୍ଛେଦ ହୋଇ ପାରୁନାହିଁ । ଏହି ଶୌଚାଳୟକୁ ବ୍ୟକ୍ତିଗତ ଭାବେ କେତେକ ଲୋକ ଓ ବ୍ୟବସାୟୀ ଜବରଦଖଲ କରି ରଖିଥିଲା ବେଳେ ସେମାନଙ୍କୁ ହଟାଇବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଯାଇଛି । ଉକ୍ତ ସୁଲଭ ଶୌଚାଳୟଟି ଜବରଦଖଲକାରୀଙ୍କ କବ୍‌ଜାରେ ରହି ଏବେ ଅବହେଳିତ ଅବସ୍ଥାରେ ପଡିରହିଥିବାରୁ ଶୌଚ ହେବା ପାଇଁ ବଜାରର ବ୍ୟବସାୟୀ ଏବଂ ବଜାରକୁ ଆସୁଥିବା ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉକ୍ତ ଶୌଚାଳୟଟିକୁ ଜବରଦଖଲକାରୀଙ୍କ କବ୍‌ଜାରୁ ହଟାଇବା ପାଇଁ ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘ ଏବଂ କେତେଜଣ ସ୍ୱେଚ୍ଛାସେବୀ ବାରମ୍ବାର ତହସିଲ ଓ ବ୍ଲକ ପ୍ରଶାସନ ନିକଟରେ ଦାବି କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନଥିବାର ଅଭିଯୋଗ ହୋଇଛି ।

ଏଠାରେ ସୂଚନାଯୋଗ୍ୟ ଗତ ୧୯୯୬ରେ ତତ୍କାଳୀନ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସ୍ୱର୍ଗତ ସେକ୍ ମତଲୁବ ଅଲୀ ବଜାରର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ଏବଂ ବ୍ୟବସାୟୀ ଓ ଲୋକମାନେ ସୁବିଧାରେ ଶୌଚହେବା ଉଦ୍ଦେଶ୍ୟ ନେଇ ସରକାରୀ ଅନୁଦାନ ଯୋଗାଇ ଦେଇ ଏକ ସୁଲଭ ଶୌଚାଳୟ ଖୋଲିଥିଲେ । ଉକ୍ତ ଶୌଚାଳୟଟି ୨୦୦୦ ମସିହା ପର୍ଯ୍ୟନ୍ତ ଠିକ୍ ଠାକ୍ ଚାଲିଥିଲା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ଏହା ଆଉ ସୁଚାରୁ ରୂପେ ଚାଲିପାରିଲା ନାହିଁ । ଫଳରେ ଶୌଚାଳୟଟି ଅଚଳ ହୋଇ ପଡ଼ି ରହିଛି । ସ୍ଥାନୀୟ ଅଞ୍ଚଳର କେତେକ ବ୍ୟକ୍ତି ଏହାର ସୁଯୋଗ ନେଇ ଶୌଚାଳୟଟିକୁ ଜବରଦଖଲ କରିଥିଲେ । ବର୍ତ୍ତମାନ ଶୌଚାଳୟଟିର ଚାରି ପାଶ୍ୱର୍ରେ ଘର କରାଯାଇ ବିଭିନ୍ନ ଦୋକାନ, ସାଇକେଲ ଷ୍ଟାଣ୍ଡ ହୋଇଥିବା ବେଳେ ଶୌଚାଳୟ ଘରେ ବ୍ୟକ୍ତିଗତ ଭାବେ ଲୋକମାନେ ବିଭିନ୍ନ ଜିନିଷପତ୍ର ଗଦାକରି ରଖିଥିବା ଦେଖାଯାଇଛି । ନିଶ୍ଚିନ୍ତକୋଇଲି ବଜାରରେ ଏକ ହଜାରରୁ ଉର୍ଦ୍ଧ୍ୱ ଛୋଟ ବଡ ବ୍ୟବସାୟ ପ୍ରତିଷ୍ଠାନ ରହିଥିବା ବେଳେ ବୃହତ୍‌କାୟ ସାପ୍ତାହିକ ହାଟ, ବିଭିନ୍ନ ଦେବାଦେବୀଙ୍କ ମନ୍ଦିର ରହିଛି । ଏହାଛଡା ଏହା ଏକ ପ୍ରମୁଖ ବଜାର ହୋଇଥିବାରୁ ଏଠାରୁ ପ୍ରତ୍ୟେକ ଦିନ ହଜାର ହଜାର ପୁରୁଷ, ମହିଳା, ସ୍କୁଲ କଲେଜ ଛାତ୍ର ଛାତ୍ରୀମାନେ ବସ୍ ଯୋଗେ ବିଭିନ୍ନ ସ୍ଥାନକୁ ଯାତାୟାତ କରିଥାଆନ୍ତି । ପ୍ରତ୍ୟେକ ଦିନ ହଜାର ହଜାର ଲୋକମାନେ ଏହି ବଜାରକୁ ଜିନିଷପତ୍ର କିଣିବା ପାଇଁ ଆସିଥାଆନ୍ତି । ବସ୍‌କୁ ଅପେକ୍ଷା କରୁଥିବା ବସ୍‌ଯାତ୍ରୀ, ବିଭିନ୍ନ ଦେବାଳୟକୁ ଆସୁଥିବା ଭକ୍ତବୃନ୍ଦ, ସାପ୍ତାହିକ ହାଟକୁ କିଣା ବିକା ପାଇଁ ଆସୁଥିବା ଚାଷୀ ଓ ବ୍ୟବସାୟୀ ପରିସ୍ରା କରିବା ପାଇଁ ନାନା ପ୍ରକାର ହୀନସ୍ତା ହେଉଛନ୍ତି । ଏହି ବଜାର ପାଇଁ ଶୌଚାଳୟଟି ନିତାନ୍ତ ଆବଶ୍ୟକ ହୋଇପଡିଥିବା ବେଳେ

## ପ୍ରଶାସନିକ ଅବହେଳା ପାଇଁ ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା

ପୂର୍ବରୁ ହୋଇଥିବା ଶୌଚାଳୟକୁ ପୁନରୁଦ୍ଧାର କରାଯାଉ ନାହିଁ କିମ୍ବା ନୂତନ ଶୌଚାଳୟ ନିର୍ମାଣ କରାଯାଉ ନଥିବାରୁ ଏଠାକାର ପରିମଳ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାକୁ ଲାଗିଛି । ତୁରନ୍ତ ଉକ୍ତ ଶୌଚାଳୟକୁ ଜବରଦଖଲ କରି ରଖିଥିବା ବ୍ୟକ୍ତିମାନଙ୍କଠାରୁ ଉଚ୍ଛେଦ କରାଯାଇ ଏହାକୁ ପୁନରୁଦ୍ଧାର କରାଗଲେ ସମସ୍ତ ସମସ୍ୟା ଦୂର ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ସ୍ଥାନୀୟ ବିଧାୟକ ଉକ୍ତ ଘଟଣାକୁ ଗୁରୁତ୍ୱ ଦେଇ ଶୌଚାଳୟରୁ ଜବରଦଖଲ ହଟାଇ ଏହାକୁ ପୁନରୁଦ୍ଧାର କରିବା ପାଇଁ ସାଧାରଣରେ ଦାବି ହୋଇଛି ।

# ପାଇପ୍ ବିଛା ପାଇଁ ରାସ୍ତା ଖୋଳିଦେଲେ ଠିକାଦାର

ଭଦ୍ରେଶ୍ୱର, ୧୮ ।୪(ସମିସ): ଜଣେ ଠିକାଦାର ବେପରୁଆ ଭାବେ କୋଟି କୋଟି ଟଙ୍କା ବ୍ୟୟ ବରାଦରେ ନିର୍ମାଣ କରାଯାଇଥିବା ଏକ ରାସ୍ତାକୁ ଖୋଳି ଦେଇଥିବାରୁ ସାଧାରଣରେ ଗଭୀର



ଅସନ୍ତୋଷ ପ୍ରକାଶ ପାଇଛି । ମାହାଙ୍ଗା ବ୍ଲକ ଉମର ଅଞ୍ଚଳକୁ ପାଇପ ଯୋଗେ ପାନୀୟଜଳ ଯୋଗାଇଦେବା ନିମନ୍ତେ ମନ୍ଥର ଗତିରେ ଠିକାଦାର କାର୍ଯ୍ୟ ଆରମ୍ଭ କରିଛନ୍ତି । ଠିକାଦାର ସାଲେପୁର ପୂର୍ତ୍ତ ବିଭାଗ ଅଧୀନରେ ଥିବା ନିଶ୍ଚିନ୍ତକୋଇଲି ଲଳିତଗିରି ପୂର୍ତ୍ତ ବିଭାଗ ରାସ୍ତାର ଉମର ରଥ ଦାଣ୍ଡଠାରେ ଜେସିବି ମେସିନ ସାହାଯ୍ୟରେ ତାଡ଼ି ନଷ୍ଟ କରିଦେଇଥିବାର ସାଧାରଣରେ ଅଭିଯୋଗ ହୋଇଛି । ଏଠାରେ ସୂଚନା ଥାଉକି, ନିକଟରେ ଏହି ରାସ୍ତାଟି ପ୍ରାୟ ଦେଢ଼କୋଟି ଟଙ୍କା ବ୍ୟୟ ବରାଦରେ ନିର୍ମାଣ କରାଯାଇଥିଲା । ଠିକାଦାର ପାନୀୟଜଳ ନିମନ୍ତେ ପାଇପ ବିଛାଇବା ଆଳରେ ଏହି ନବ ନିର୍ମିତ ରାସ୍ତାକୁ ନଷ୍ଟଭ୍ରଷ୍ଟ କରିଦେବା ଘଟଣାକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ଦୈନନ୍ଦିନ ଉମରସ୍ଥିତ ଶ୍ରୀ ଶ୍ରୀ ହନୁମାନଜୀଉ ମନ୍ଦିରକୁ ବିଭିନ୍ନ ସ୍ଥାନରୁ ଶହ ଶହ ସଂଖ୍ୟାରେ ଭକ୍ତମାନେ ଆସିଥାନ୍ତି । ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବା କାରଣରୁ ସାଧାରଣ ଲୋକେ ସର୍ବୋପରି ଭକ୍ତମାନେ ଗମନାଗମନ ନିମନ୍ତେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ।

# ବିଦ୍ୟୁତ ଖୁଣ୍ଟରେ ବାଇକ୍‌କୁ ପିଟି ଜଣେ ମୃତ, ଜଣେ ଗୁରୁତର

ସାଲେପୁର,୧୮ ।୪(ସମିସ): ମୋଟର ସାଇକଲ୍ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି । ସାଲେପୁର ଥାନା ଅନ୍ତର୍ଗତ ଭୀମଦାସପୁର ପଞ୍ଚାୟତ ବୋଧସରା ଗ୍ରାମର ଜଗବନ୍ଧୁ ଦାସଙ୍କ ପୁତ୍ର ଶିବରାମ ଦାସ (୫୬) ଓ ଉକ୍ତ ଗ୍ରାମର ଗଙ୍ଗାରାମ ଦାସ ଗତକାଲି ମୋଟର ସାଇକଲ ଯୋଗେ ପୁରୀ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ ଯାଇ ଆଜି ଘରକୁ ଫେରୁଥିବାବେଳେ ମଧ୍ୟାହ୍ନରେ ଓଡ଼ାସିଂହ ପଞ୍ଚାୟତ ଅଫିସ ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ



ଥିବା ବିଦ୍ୟୁତ୍ ଖୁଣ୍ଟରେ ମୋଟର ସାଇକଲଟି ପିଟି ହୋଇଥିଲା । ଘଟଣାସ୍ଥଳରେ ଶିବରାମଙ୍କ ମୃତ୍ୟୁ ହୋଇଥିବାବେଳେ ଗୁରୁତର ଆହତ ଗଙ୍ଗାରାମକୁ ସ୍ଥାନୀୟ ଲୋକ ଉଦ୍ଧାର କରି ପ୍ରଥମେ ସାଲେପୁର ଓ ପରେ କଟକ ବଡ଼ ମେଡ଼ିକାଲକୁ ପଠାଇଥିବା ଜଣାଯାଇଛି । ଖବର ପାଇ ଜପକୁଦ ଫାଣ୍ଡି ଅଧିକାରୀ ଭୀଷ୍ମଚରଣ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ମୋଟରସାଇକଲ ଜବତ କରିବା ସହ ୨୩୪/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାଯାଇଛି । ଶିବରାମଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# କୋଇଲା ବୋଝେଇ ଟ୍ରକ୍‌ରୁ ଶବ ଜବତ

ଟାଙ୍ଗୀ,୧୮ ।୪(ସମିସ): ଶନିବାର ସକାଳୁ ଟାଙ୍ଗୀ ପୁଲିସ୍ ୧୬ନଂ ଜାତୀୟ ରାଜପଥର ବଦ୍ଧାଳ ଟୋଲ୍ ପ୍ଲାଜା ନିକଟରେ ଛିଡ଼ା ହୋଇଥିବା ଏକ କୋଇଲା ବୋଝେଇ ଟ୍ରକରୁ ମୃତଦେହ ଉଦ୍ଧାର କରିଛି । ହୃଦଘାତରେ ମୃତ୍ୟୁ ଘଟିଥିବା ଜାଣିବାକୁ ମିଳିଥିବାବେଳେ ପୁଲିସ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପୂର୍ବକ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ମୃତକ ଜଣକ ଟ୍ରକ୍‌ର ମାଲିକ ବୋଲି କୁହାଯାଉଥିବା ବେଳେ ସେ ଆନ୍ଧ୍ରପ୍ରଦେଶ ଇଷ୍ଟ ଗୋଦାବରୀ ଜିଲ୍ଲା ଜଗମୋହନ ପେଟା ଅଞ୍ଚଳର ଟୁଲୁ ବୟାନା ପେଡ଼ା ଆପାରାଓ (୬୦) ବୋଲି ଜଣାପଡ଼ିଛି । ସେ ଆସାମରୁ କୋଇଲା ବୋଝେଇ କରି ଆନ୍ଧ୍ରପ୍ରଦେଶ ଫେରୁଥିଲେ । ଶୁକ୍ରବାର ରାତିରେ ଟୋଲ୍ ପ୍ଲାଜା ନିକଟରେ ଅଟକିଥିଲେ । ଚାଳକ ସହ ଖାଇପିଇ ବିଶ୍ରାମ ନେଇଥିବା ବେଳେ ଆପାରାଓ ହୃଦଘାତର ଶିକାର ହୋଇଥିବା ଜଣାପଡିଛି ।

# ଟାଙ୍ଗୀ ବିଜେଡି ପକ୍ଷରୁ ବିଜୁ ବାବୁଙ୍କ ତିରୋଧାନ ଦିବସ

ଟାଙ୍ଗୀ, ୧୮ ।୪(ସମିସ): ଟାଙ୍ଗୀ ବିଜେଡି ଆନୁକୂଲ୍ୟରେ ଟାଙ୍ଗୀ ଓ ଭଟିମୁଣ୍ଡାରେ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ



ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ଟାଙ୍ଗୀସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଭଟିମୁଣ୍ଡା ପଞ୍ଚାୟତ ମଧୁସେତୁ ବିରୁପା ନଦୀରେ ତିଳତର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ଅବସରରେ ମଦନମୋହନଜୀଉ ପାଠାଗାର ଓ ୟୁଥ୍ କ୍ଲବ୍ ସମ୍ମୁଖରେ ଶ୍ରଦ୍ଧାଞ୍ଜଳି ସଭା ସହ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିସହ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର କୁମାର ଯେଠୀ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିନିଧି ଜନ୍ମେଜୟ ଖିଲାର, ସୁବୋଧ କୁମାର ସାମଲ, ଗୋବିନ୍ଦ ଦାସ, ଆଶିଷ ରଞ୍ଜନ ଷଡ଼ଙ୍ଗୀ, ପରମାନନ୍ଦ ନାୟକ, ସରପଞ୍ଚ ତାପସ କୁମାର ସାହୁ, ନିବାସଚନ୍ଦ୍ର ପାଣ୍ଡବ, ଦୀପ୍ତିମୟୀ ବେହେରା, ମହେଶ୍ୱର ମହାନ୍ତ, ଭରତ ବେହେରା, ସମିତିସଭ୍ୟ ଭକ୍ତବତ୍ସଳ ମହାରଣା, ଜିତେନ୍ଦ୍ର ବଦ୍ରାଙ୍କ ସମେତ ବିଜେଡିର ଆଗଧାଡ଼ିର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ । ସଂଗଠକ ରବିନ୍ଦ୍ର କୁମାର ସାହୁ ଧନ୍ୟବାଦ ଦେଇଥିଲେ ।

# ଜଳୌକା ଶନିଶ୍ଚର ଦେବଙ୍କ ଦର୍ଶନକଲେ ଡ୍ରିମ୍‌ସ ଅଧ୍ୟକ୍ଷ



ଟାଙ୍ଗୀ,୧୮ ।୪(ସମିସ): ପୁରାଣ ପ୍ରସିଦ୍ଧ ଜଳୌକା ପାହାଡ଼ ପାଦଦେଶରେ ବିରାଜିତ ମହାଗ୍ରହ ଶନିଶ୍ଚର ଦେବଙ୍କ ବୈଶାଖ ମେଳା ତୃତୀୟ ଶନିବାର ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଓ ପଦ୍ମିନୀ କେୟାର ହସ୍‌ପିଟାଲ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ପୀଠକୁ ଆସି ମହାପ୍ରଭୁଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ । ଶନି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ଥାନୀୟ ସରପଞ୍ଚ ରଶ୍ମିରଂଜନ ରାଉତ ଡ. ରଥଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଡ. ରଥ ମନ୍ଦିର ଗମ୍ଭୀରା, ଭୋଗ ମଣ୍ଡପ, ପୁଷ୍କରିଣୀ ଓ ଜଳାଭିଷେକଙ୍କ ପିଣ୍ଡି, ବେଢ଼ା ଓ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ ବୁଲି ଦେଖିବା ସହ ଏହି ପ୍ରସିଦ୍ଧ ପୀଠର ଉନ୍ନତିକରଣ ଓ ଶ୍ରଦ୍ଧାଳୁଙ୍କ ସୁବିଧା ନିମନ୍ତେ ନିଆଯାଉଥିବା ପଦକ୍ଷେପକୁ ସ୍ୱାଗତ କରି ଏଥିରେ ଆବଶ୍ୟକ ସହଯୋଗ କରିବା ଲାଗି ପ୍ରତିଶ୍ରୁତି ଦେଇଥିଲେ । ଆସନ୍ତା ୨୫ ତାରିଖ ବାର୍ଷିକ ମହାମେଳାରେ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ଦୃଷ୍ଟିରୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ଲାଗି ସମ୍ମିଳିତ ସହଯୋଗର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

# 'ସମନ୍ୱୟ'ର ବିଷୁବ ମିଳନ ଓ କବିତା ଆସର



ନିଶ୍ଚିନ୍ତକୋଇଲି,୧୮ ।୪(ସମିସ): ସାମାଜିକ, ସାଂସ୍କୃତିକ, ସାରସ୍ୱତ ପରିଷଦ ସମନ୍ୱୟ ପକ୍ଷରୁ ଓଡ଼ିଆ ନବବର୍ଷ ଅବସରରେ ବିଷୁବ ମିଳନ ଓ କବିତା ଆସର ବ୍ଲକଛକସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି । ସମନ୍ୱୟର ସଭାପତି ବିଶିଷ୍ଟ ସାହିତ୍ୟିକ ଉତ୍କଳଜ୍ୟୋତି ରଘୁନାଥ ମହାନ୍ତିଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାରସ୍ୱତ ସାଧକ ରୁଦ୍ରପ୍ରସନ୍ନ ସାମଲ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ସୁଧୀରଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଔପନ୍ୟାସିକା ବିଦ୍ୟୁତଲତା ପ୍ରଧାନ ପ୍ରମୁଖ ଓଡିଆ ଭାଷା, ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଲେଖକ, କବି, ଗାଳ୍ପିକ ଓ ଔପନ୍ୟାସିକମାନେ ନିରପେକ୍ଷ କଲମ ଚାଳନା କରି ସମାଜକୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେବାକୁ ପରାମର୍ଶ ଦେଇଥିଲେ । ଅନୁଷ୍ଠାନର ସଂପାଦକ ଦେବପ୍ରସାଦ କର ସଂଗୀତ ମାଧ୍ୟମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ କବି ସଚ୍ଚିଦାନନ୍ଦ ମିଶ୍ର ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ସାହିତ୍ୟ ସ୍ୱରର ସଂପାଦକ ଜୟରାମ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ କବି ସସ୍ମିତା ପଣ୍ଡା, ଯୁବକବି କ୍ଷୀରୋଦ କୁମାର ଦାସ, ପ୍ରଶାନ୍ତ କୁମାର ପଣ୍ଡା, ଭରତଚନ୍ଦ୍ର ଲେଙ୍କା, ଶିଶୁକବି ମହେନ୍ଦ୍ର ଘଡାଇ, ତନ୍ମୟ କିଶୋର ଦାସ, କେଦାରନାଥ ସାହୁ, ରଂଜନ କୁମାର ବେହେରା, ବିକ୍ରମ କେଶରୀ ନାଥ, ଦିଲ୍ଲୀପ କୁମାର ଗ୍ରହାଚାର୍ଯ୍ୟ, ରବେୟା ସରୱାର, ଖଗେଶ୍ୱର ମହାନ୍ତି, ସବିତା ଶତପଥୀ, ପ୍ରଶାନ୍ତ ରାଉତ, ଦେବେନ୍ଦ୍ର ଲେଙ୍କା, ନିରଞ୍ଜନ ରାଉତ, ଜୟପ୍ରକାଶ ବେହେରା କବିତା ପାଠ କରିଥିଲେ । ସାହିତ୍ୟ ସ୍ୱରର ମୁଖ୍ୟ ସଂପାଦକ ଅଧ୍ୟାପକ ସ୍ୱାଧୀନାନନ୍ଦ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୁବତୀଙ୍କୁ ପ୍ରତାରଣା; ଶଳା-ଭିଣୋଇ ଗିରଫ





ଟାଙ୍ଗୀ,୧୮ ।୪(ସମିସ): ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଅନୈତିକ ସମ୍ପର୍କ ରଖିବା ଓ ନିର୍ଯ୍ୟାତନା ଦେଇ ବଦନାମ୍ କରିବାକୁ ଧମକ ଦେବା ଘଟଣାରେ ଟାଙ୍ଗୀ ପୁଲିସ୍ ଦୁଇଜଣଙ୍କୁ ଗିରଫ କରି ଶନିବାର ଅଦାଲତ ଚାଲାଣ କରିଛି । ଗିରଫ ଦୁଇ ଜଣ ହେଲେ ଟାଙ୍ଗୀ ଥାନା ନପଙ୍ଗ ପଞ୍ଚାୟତ ଇଟୁଆ ଗ୍ରାମର ଉତ୍ତମ ବେହେରା (୩୯) ଓ ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ନେଉଳପୁର ଗ୍ରାମର ବୀରବର ବେହେରା (୪୩) । ଏନେଇ ଆଇଆଇସି ବିକାଶ ସେଠୀ ସୂଚନା ଦେଇଛନ୍ତି । ଶଳା ଉତ୍ତମ ଗୋବିନ୍ଦପୁର ପଞ୍ଚାୟତର ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ । ବିବାହ ପ୍ରତିଶ୍ରୁତି ଦେଇ ବିଭିନ୍ନ ସ୍ଥାନରେ ରଖି ଶାରୀରିକ ସଂପର୍କ ରଖିବା ପରେ ବିବାହ ନକରି ନିର୍ଯ୍ୟାତନା ତଥା ବ୍ଲାକମେଲିଂ କରୁଥିବାବେଳେ ଭିଣୋଇ ବୀରବର ସାମାଜିକ ଗଣମାଧ୍ୟମରେ ବଦନାମ୍ କରିବାକୁ ଧମକ ଦେବା ସହ ଶଳା କଥାରେ ମାନସିକ ନିର୍ଯ୍ୟାତନା ଦେଉଥିଲେ ବୋଲି ଜାଣିବାକୁ ମିଳିଛି ।

# ହନୁମତ ମନ୍ଦିର ଓ ଦେବବିଗ୍ରହ ପ୍ରତିଷ୍ଠା ଉତ୍ସବ

ନିଶ୍ଚିନ୍ତକୋଇଲି,୧୮ ।୪(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଫଗୋଳ ପଞ୍ଚାୟତ ପାଇକରାପୁର ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ କଦମ୍ବ ବିହାରୀଙ୍କ ପ୍ରାଙ୍ଗଣରେ ସଂକଟ ମୋଚନ ବୀର ହନୁମତ ମହାରାଜାଙ୍କର ନବନିର୍ମିତ ମନ୍ଦିର ଓ ଦେବବିଗ୍ରହ ପ୍ରତିଷ୍ଠା ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଛି । ଏହି ଅବସରରେ ବିଶ୍ୱଶାନ୍ତି ଯଜ୍ଞ,



ବେଦପାଠ, ସୂର୍ଯ୍ୟପୂଜା ଗୋପୂଜା, ବିଗ୍ରହଙ୍କର ପ୍ରାଣ ପ୍ରତିଷ୍ଠା, ମହାସ୍ନାନ, ୧୦୮ ଦୀପ ପ୍ରଜ୍ୱଳନ ସହିତ ନଗର ପରିକ୍ରମା କାର୍ଯ୍ୟକ୍ରମ କରାଯାଇଛି । ପଣ୍ଡିତ ବିକାଶ ପଣ୍ଡା ଓ ଶ୍ରୀକାନ୍ତ ରଥଙ୍କ ଦ୍ୱାରା ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା । ଏଥିରେ କର୍ତ୍ତା ଭାବେ ବ୍ରହ୍ମାନନ୍ଦ ରଣା ଓ ତାଙ୍କ ପତ୍ନୀ କମଳା ରଣା କାର୍ଯ୍ୟ ନିର୍ବାହ କରିଥିଲେ । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ହଜାର ହଜାର ଭକ୍ତ ଯୋଗଦେଇ ମହାବୀରଙ୍କ କୃପା ଲାଭ କରିଥିଲେ । ସମାଜସେବୀ ଭାସ୍କରଚନ୍ଦ୍ର ବେହେରା, ଆଲୋକ ପରିଡା, ଚକ୍ରଧର ରଣା, ଜ୍ଞାନଦ ବେହେରା, ହେମନ୍ତ କୁମାର ଦାସ, କ୍ଷୀରୋଦ ବେହେରା, ଦେବେନ୍ଦ୍ରନାଥ ମହାନ୍ତି, ପ୍ରଭାତ କୁମାର ମିଶ୍ର, ଗୋବିନ୍ଦ ରଣା, ଅନନ୍ତ ରଣା, ଶ୍ୟାମସୁନ୍ଦର ପରିଡା, ବିରଞ୍ଚି ସେଠୀ ପ୍ରମୁଖ ପରିଚାଳନା କରିଥିଲା ବେଳେ ସ୍ଥାନୀୟ ଗ୍ରାମବାସୀମାନଙ୍କ ସାହାଯ୍ୟ ସହଯୋଗରେ ସମସ୍ତ କାର୍ଯ୍ୟ ସଂପନ୍ନ ହୋଇଥିଲା ।

# ଜନ୍ମମାଟିରେ ଗଣକବିଙ୍କ ୭୦ତମ ସ୍ମୃତିଉତ୍ସବ

ମାହାଙ୍ଗା,୧୮ ।୪(ସମିସ):





ବିରୂପା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଓଡ଼ିଆ ଯାତ୍ରାଜଗତର ମଉଡ଼ମଣି, ଗୀତିନାଟ୍ୟ ସମ୍ରାଟ ଗଣକବି ବୈଷ୍ଣବ ପାଣିଙ୍କ ୭୦ତମ ସ୍ମୃତି ଉତ୍ସବ ସାହିତ୍ୟିକ ଅଖିଳେଶପଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମାଆ ଗୌରୀ ପ୍ୟାଲେସ କୋଠପଦାଠାରେ ଆୟୋଜିତ ଏହି ସାରସ୍ୱତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡକ୍ଟର ବସନ୍ତ କିଶୋର ସାହୁ, ମୁଖ୍ୟବକ୍ତା ଭାବେ ଗବେଷକ ତଥା ଅଧ୍ୟାପକ ଡକ୍ଟର ଅଜିତ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଯୁବ ସମାଜସେବୀ ଡକ୍ଟର ଅମରେନ୍ଦ୍ର ମହାନ୍ତି, ସାହିତ୍ୟିକ ବିପିନ ବିହାରୀ କର, କବି ଭକ୍ତଚରଣ ସାହୁ, ଡକ୍ଟର ଭାବଗ୍ରାହୀ ରାଉତ, କବି ପ୍ରଶାନ୍ତ କୁମାର କର, ନାଟ୍ୟକାର କିଶୋରଚନ୍ଦ୍ର ଦାଶ, ସମାଜସେବୀ ରାମଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ଓଡ଼ିଆ ଜାତିର କ୍ରାନ୍ତିଦ୍ରଷ୍ଟା ପୁରୁଷ ଗଣକବିଙ୍କ କାଳଜୟୀ ସାହିତ୍ୟ ଉପରେ ଆଲୋଚନା କରିଥିଲେ ।

ଏହି ଅବସରରେ ଡିପିଏସ ସିପୁରାର ଛାତ୍ର ତଥା କୋଠପଦା ଗ୍ରାମର ଜିତେନ୍ଦ୍ର ସାହୁଙ୍କ ପୁତ୍ର ସ୍ୱାଭିମାନ ସାହୁ ୯୭.୮% ନମ୍ବର ରଖି କୃତକାର୍ଯ୍ୟ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନାଟ୍ୟ ନିର୍ଦ୍ଦେଶକ ବିଶ୍ୱନାଥ ପଲେଇ, ସୁଧୀର ମହାନ୍ତି, ଅଚ୍ୟୁତାନନ୍ଦ ପଲେଇ, ସାମ୍ବାଦିକ ବିଜୟ ଜେନା, ଅଶୋକ ଦାଶ, ଶୈଳମଣୀ ସାହୁ, ସୁରେଶ ବଳ, ହୃଷିକେଶ ବେହେରା, ବିଜୟ କୁମାର ଦାସ, ପ୍ରସନ୍ନ ପରିଡା, ଭାରତ ଭୂଷଣ ଦାସ, ମାଗୁଣି ଚରଣ ସାମଲ, ରଞ୍ଜନ ବଳବନ୍ତରାୟ, ବାସବ ବେହେରା, ପ୍ରିୟରଞ୍ଜନ ଦାସ, କୈଶୋର ଦାସ, ଅବଦୁଲ ହମିଦ, ରଂଜିତ ଦାସ, ଗଣେଶ ବିହାରୀ, ଜୟଦେବ ମୁଦୁଲି, ବିଷ୍ଣୁଚରଣ ବେହେରା, ଦେବେନ୍ଦ୍ର ଜେନା, କିଶୋରଚନ୍ଦ୍ର ଦାସ, ମୁରଲୀଧର ବେହେରା, ବିଜୟ କୁମାର ଦାଶ, କ୍ଷୀରୋଦ ଦାଶ, ମାନସ ବେହେରା, ହରେକୃଷ୍ଣ ନାୟକ, ରାକେଶ ବିଶ୍ୱାଳ, ଅଜୟ ସିଂ, ସନ୍ତୋଷ ରାଉତ, ଶ୍ରଦ୍ଧାଞ୍ଜଳି ମହାନ୍ତି, ରୋଜି ମହାପାତ୍ର, ଝରଣା ମଲ୍ଲିକ, ଝୁନୁଲତା ମହାନ୍ତି, ସନାତନ ସିଂ ପ୍ରମୁଖ ଗଣକବିଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ ।

# ସାଲେପୁର ତହସିଲଦାର ପଦ ଖାଲି; କାର୍ଯ୍ୟ ବାଧାପ୍ରାପ୍ତ

ସାଲେପୁର,୧୮ ।୪(ସମିସ): ସାଲେପୁର ତହସିଲ କାର୍ଯ୍ୟାଳୟ କଟକ ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ହୋଇଥିବାବେଳେ ନିୟମିତ ଏହି କାର୍ଯ୍ୟାଳୟକୁ ବହୁ ଲୋକ ବିଭିନ୍ନ କାର୍ଯ୍ୟ ସଂପାଦନ ପାଇଁ ଆସିଥାନ୍ତି; କିନ୍ତୁ ଏହି କିଛି ଦିନ ହେବ ତହସିଲଦାରଙ୍କ ଅନ୍ୟତ୍ର ବଦଳି ହୋଇଥିବାବେଳେ ତାଙ୍କ ସ୍ଥାନରେ ନୂତନ ତହସିଲଦାର କାର୍ଯ୍ୟଭାର ଗ୍ରହଣ କରିନାହାନ୍ତି । ଫଳରେ ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଯେ ସାଲେପୁର ବ୍ଲକ୍‌ର ୩୧ଟି ପଞ୍ଚାୟତର ଜନସାଧାରଣ ନିୟମିତ ସାଲେପୁର ତହସିଲ କାର୍ଯ୍ୟାଳୟ ଉପରେ ନିର୍ଭର କରିଆସୁଛନ୍ତି । ଦାଖଲ ଖାରଜ କେସ୍ ଉତ୍ତରାଧିକାରୀ ପ୍ରମାଣପତ୍ର, ମିସ୍‌କେସ୍ ଆଦି କାର୍ଯ୍ୟ ପାଇଁ ନିର୍ଭରଶୀଳ ଥିବା ବେଳେ, ବିଶେଷ କରି ଏବେ ରାଜ୍ୟରେ ଜନଗଣନା ଚାଲିଥିବାରୁ ଉକ୍ତ କାର୍ଯ୍ୟ ତଦାରଖ କରିବାପାଇଁ ତହସିଲଦାରଙ୍କ ପ୍ରମୁଖ ଭୂମିକା ରହୁଛି । ଏଠାରେ ସ୍ଥାୟୀ ତହସିଲଦାର ନଥିବାରୁ ଲୋକମାନେ ବିଭିନ୍ନ କାର୍ଯ୍ୟ ପାଇଁ ତହସିଲ କାର୍ଯ୍ୟାଳୟକୁ ଆସି ନିଜର କାର୍ଯ୍ୟ ସଂପାଦନ କରି ନପାରି ନିରାଶ ହୋଇ ଫେରୁଥିବା ଅଭିଯୋଗ ହୋଇଛି । ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହଙ୍କ ଅନ୍ୟତ୍ର ବଦଳି ହେଲାପରେ ତାଙ୍କ ସ୍ଥାନରେ ନୂତନ ତହସିଲଦାର କାର୍ଯ୍ୟରେ ଯୋଗ ଦେଉ ନଥିବାରୁ ସାଲେପୁର ତହସିଲଦାର ପଦ ଖାଲି ପଡ଼ିଛି । ଫଳରେ ତହସିଲଦାର ନଥିବାରୁ ଲୋକମାନଙ୍କର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସଂପାଦନ ହୋଇପାରୁନାହିଁ । କଟକ ଜିଲ୍ଲାପାଳ ଏ ଦିଗରେ ତୁରନ୍ତ ଦୃଷ୍ଟିଦେବାକୁ ଦାବି ହୋଇଛି ।

